# ପିଲାମାନଙ୍କ ପାଇଁ ବାଇବଲ
## ଉପହାର



# ସୁନ୍ଦରୀ ରାଣୀ
# ଏଷ୍ଟର

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ପାରଶ୍ୟ ଦେଶରେ ଏଷ୍ଟର ନାମରେ ଏକ କନ୍ୟା ଥିଲା ଯେ ପରମ ସୁନ୍ଦରୀ ଥିଲା । ତାହାର ପିତାମାତାଙ୍କର ଦେହାନ୍ତ ପରେ ମର୍ଦ୍ଦଖୟ ତାହାକୁ ନିଜ କନ୍ୟା ରୁପେ ଗ୍ରହଣ କରିଥିଲେ ।

ଏଷ୍ଟର ମଧ୍ୟ ମର୍ଦ୍ଦଖୟଙ୍କର ଆଜ୍ଞାବହ ଓ ତାଙ୍କୁ ସମାଦର କଲେ ।





ଏଷ୍ଟର ପାରଶ୍ୟ ଦେଶରେ ବାସ କରୁଥିଲେ କିନ୍ତୁ ସେ ନିଜେ ପାରଶ୍ୟ ଲୋକ ନ ଥିଲେ । ସେ ଯିହୁଦୀ ବଂଶଜାତ ଥିଲା । ତାଙ୍କର ପୂର୍ବପୁରୁଷମାନେ ପାରଶ୍ୟ ଦେଶକୁ ଯୁଦ୍ଧବନ୍ଦୀ ଭାବରେ ଆସିଥିଲେ । ଏଷ୍ଟରଙ୍କ ସମୟରେ ଅନେକ ଯିହୁଦୀ ପାରଶ୍ୟରେ ବାସ କରୁଥିଲେ ।



ପାରଶ୍ୟର ରାଜା
ଆପଣା ସକଳ
ଅଧିପତି ଓ
ଦାସମାନଙ୍କ ନିମନ୍ତେ
ଭୋଜ ପ୍ରସ୍ତୁତ କଲା ।
ଏବଂ ରାଣୀ ବଷ୍ଟୀ
ମଧ୍ୟ ରାଜଗୃହରେ
ସ୍ତ୍ରୀମାନଙ୍କ ପାଇଁ
ଭୋଜ ପ୍ରସ୍ତୁତ
କରିଥିଲେ ।



ରାଜା ଦ୍ରାକ୍ଷାରସରେ ମତ୍ତହୋଇ ରାଣୀ ବଷ୍ଟୀଙ୍କର
ସୌନ୍ଦର୍ଯ୍ୟ ଦେଖାଇବା
ପାଇଁ ତାହାଙ୍କୁ ରାଜ
ମୁକୁଟ ପରିଧାନ କରି
ରାଜାମାନଙ୍କ ଛାମୁକୁ
ଆସିବାକୁ ଆଜ୍ଞା
ଦେଲେ । କିନ୍ତୁ ବଷ୍ଟି
ତାହାଙ୍କ ଆଜ୍ଞାରେ
ଅସମ୍ମତ ଦେଲେ ।

ସମସ୍ତ ଭାର୍ଯ୍ୟାମାନେ
ଯେପରି ଆପଣା ଆପଣା
ସ୍ୱାମି ମାନଙ୍କୁ ମର୍ଯ୍ୟଦା
କରିନ୍ତି ତାହା ଦେଖାଇବାକୁ,
ରାଜା ଏକ ଆଜ୍ଞା ଜାରୀ କଲେ
ଯାହା ବଷ୍ଟିଙ୍କଠାରୁ ତାହାର ମୁକୁଟ
ଛଡ଼ାଇ ନେଲା । ପୁନଶ୍ଚ ସେ ରାଣୀ
ହୋଇ ରହି ପାରିଲା ନାହିଁ ।



ମହାରାଜାଙ୍କ ପାଇଁ
ନୂତନ ରାଣୀ କରିବାକୁ ଏକ
ସୁନ୍ଦରୀ ଯୁବତୀ ଖୋଜା ଆରମ୍ଭ
ହେଲା । ଦେଶର ସମସ୍ତ ସୁନ୍ଦରୀ
ଯିବତୀ ଗଣଙ୍କ ମଧ୍ୟରୁ, ଏଷ୍ଟର
ରାଜାର ଅନଗ୍ରହ ପାଇଲା ଓ
ରାଜା ଏଷ୍ଟରକୁ ଅଧିକ ପ୍ରେମ
କଲା ପୁଣି ବଷ୍ଟି ବଦଳେ
ଏଷ୍ଟରକୁ ରାଣୀ କଲା ।



ସେ ତାହାର ମସ୍ତକରେ
ରାଜମୁକୁଟ ଦେଲେ ।
ଏଷ୍ଟର ଯେ ଯିହୁଦୀ ତାହା
ସେ ରାଜାଙ୍କୁ ଜଣାଇଲା
ନାହିଁ ଯେପରି ମର୍ଦ୍ଦଖୟ
ତାହାକୁ ରାଜାଙ୍କୁ ନ
କହିବାକୁ କହିଥିଲେ ।



ସେହି ସମୟରେ ମର୍ଦ୍ଦଖୟ ଏଷ୍ଟରଙ୍କ
ସମ୍ବାଦ ଜାଣିବାକୁ ରାଜଦ୍ୱାରରେ
ବସି ରହିଲେ । ଦିନକରେ



ରାଜଗୃହର ଦୁଇ ନଫୁଂଶଂକ
କ୍ରୁଦ୍ଧହୋଇ ରାଜାଙ୍କୁ ବଧ କରିବାକୁ
ଯୋଜନା କଲେ, ମର୍ଦ୍ଦଖୟ ସେହି
ସମ୍ବାଦ ରାଜାଙ୍କୁ ଦେବାରୁ ରାଜାଙ୍କ
ଜୀବନ ରକ୍ଷା ହେଲା । ସେହି ଦୁଇ
ଦାସମାନଙ୍କୁ ଫାସି ଦିଆଗଲା । ଏବଂ
ମର୍ଦ୍ଦଖୟଙ୍କ ନାମ ରାଜାଙ୍କ ଇତିହାସ
ପୁସ୍ତକରେ ଲିଖିତ କରାଗଲା ।



ରାଜା ହାମନଙ୍କୁ ଉଚ୍ଚପଦାନ୍ୱିତ କଲା, ସେ ଦେଶର ଦ୍ୱିତୀୟ ମହତ୍ୱପୂର୍ଣ୍ଣ ବ୍ୟକ୍ତି ହୋଇଗଲେ । ରାଜଦ୍ୱାରରେ ସକଳେ ତାହାକୁ ନତ ହୋଇ ପ୍ରଣାମ କଲେ । ସକଳେ ପ୍ରଣାମ କଲେ ମାତ୍ର ଜଣେ ପ୍ରଣାମ କଲା ନାହିଁ । ଯିହୁଦୀ ମାନଙ୍କ ରୀତୀ ଅନୁସାରେ ମର୍ଦ୍ଦଖୟ କେବଳ ମାତ୍ର ଜୀବିତ ପରମେଶ୍ୱରଙ୍କ ଉପାସନା କଲେ ।

ହାମନ୍ ମର୍ଦ୍ଦଖୟଙ୍କୁ ଘୃଣା କଲା ଏବଂ ମର୍ଦ୍ଦଖୟଙ୍କ ସହିତ ଅକ୍ଷଶ୍ୱେରଶର ରାଜ୍ୟର ସମସ୍ତ ଯିହୁଦୀୟ ଲୋକମାନଙ୍କୁ ବିନାଶ କରିବାକୁ ଚେଷ୍ଟା କଲା । କି ଭୀଷଣ? ସେହି ଦୁଷ୍ଟ ହାମନ୍ ଚତୁରତାର ସହିତ ରାଜାଙ୍କୁ ଏକ ନିୟମ ପ୍ରଣୟନ କରିବାକୁ ପ୍ରବର୍ତ୍ତାଇଲା ଯାହାଦ୍ୱାରା ଏକ ସମୟରେ ସେହିଦେଶର ସମସ୍ତ ଯିହୁଦୀ ମାନଙ୍କୁ ବିନାଶ କରାଯାଇ ପାରିବ ।





ତାହା ଭୟଙ୍କର
ନିୟମ ଥିଲା । ସମସ୍ତ
ଯିହୁଦୀ ଓ ପାରସ୍ୟ ଲୋକମାନେ
କ୍ରନ୍ଦନ କଲେ । କିନ୍ତୁ ମନେରଖ ଲ୍କ
ସଦାପ୍ରଭୁ ଏଷ୍ଟରଙ୍କୁ ରାଣୀ କଲେ । ସେ
ମଧ୍ୟ ଯିହୁଦୀୟ ଅଟେ । ସେ ସେହି
ଗୁପ୍ତବିଷୟ କି ରାଜଙ୍କୁ ଲୁଢ଼ାଇ ରଖି
ପାରିବ, କିମ୍ବା ନିଜ ଜୀବନ କ୍ଷତିଭୟ
ସହି ନିଜ ଲୋକମାନଙ୍କୁ
ରକ୍ଷା କରିବ?

ସଦାପ୍ରଭୁ ଏଷ୍ଟରଙ୍କୁ ଚତୁର ଧାରଣା ପ୍ରଦାନ କଲେ । ସେ ରାଜା ଓ ହାମନଙ୍କୁ ଭୋଜନ କରିବାକୁ ନିଜ ଗୃହକୁ ନିମନ୍ତ୍ରଣ କଲେ । ମହାରାଜ ଓ ହାମନ୍ କାଲି ମୋ ପ୍ରସ୍ତୁତ କରିଥିବା ଭୋଜକୁ ଆସନ୍ତୁ, ମୁଁ କାଲି ମହାରାଜଙ୍କ ଆଜ୍ଞାନିସାରେ କହିବି, ଏଷ୍ଟର କହିଲେ ।



ସେହିସମୟରେ, ମର୍ଦ୍ଦଖୟଙ୍କୁ ଫାସି
ଦେବାକୁ ହାମନ୍ ଏକ ପଚାଶ ହାତ
ଉଚ୍ଚ ଫାସିକାଠ ପ୍ରସ୍ତୁତ କଲେ ।



ସେହି ରାତ୍ରୀରେ ରାଜା ଶୟନ କରି ପାରିଲେ ନାହିଁ, ଏଣୁ ସେ ସ୍ମରଣୀୟ ଇତିହାସ ପୁସ୍ତକ ପାଠ କରି ଜାଣି ପାରିଲେ ଯେ ରାଜାଙ୍କ ଜୀବନ ବଞ୍ଚାଇବା କାରଣରେ ମର୍ଦ୍ଦଖୟଙ୍କୁ କଦାପି ପୁରସ୍କୃତ କରାଯାଇନାହିଁ ।



ପରଦିନ ସକାଳେ, ରାଜା ହାମନଙ୍କୁ ପଚ଼ାରିଲେ, ରାଜା ଯାହାକୁ ସନ୍ମାନ କରିବାକୁ ତୁଷ୍ଟ ହୁଅନ୍ତି, ତାହାପ୍ରତି କଅଣ କରାଯିବ, ହାମାନ୍ ଖୁସି ହେଲେ । ସେ ମନେ ମନେ ଭାଳିଲା ମୋ ବିନୁ ଆଉ କାହାକୁ ରାଜା ସନ୍ମାନ କରିବାକୁ ତୁଷ୍ଟ ହେବେ ।



ହାମାନ୍ ପ୍ରସ୍ତୁତ କରିଥିବା ଫାଶୀକାଠରେ ମର୍ଦ୍ଦଖୟଙ୍କୁ ଫାଶୀ ଦେବା ପାଇଁ ରାଜାଙ୍କୁ କହିବା ନିମନ୍ତେ ରାଜଗୃହର ବାହରେ ପ୍ରାଙ୍ଗଣକୁ ଆସିଲା । ଫାଶୀକାଠ ପ୍ରସ୍ତୁତ ଥିଲା । ବର୍ତ୍ତମାନ୍ ତାହା ଜଗିପାରିବ । ଉତ୍ତେଜିତ ଭାବରେ ସେ ନିଜର ପ୍ରସ୍ତାବ କହିଚାଲିଲା ।





ମହାରାଜାଙ୍କ ପରିଧେୟ ରାଜକୀୟ ବସ୍ତ୍ର ଓ ମୁକୁଟ ତାହାକୁ ପିନ୍ଧାଉନ୍ତୁ । ତାହାକୁ ରାଜକୀୟ ଅଶ୍ୱରେ ବସାଯାଉ । ଓ ତାହା ମହାରାଜାର ଏକ ପ୍ରଧାନ ଅଧିପତିର ହସ୍ତରେ ଦିଆଯାଉ ଓ ସେ ଏହାକୁ ନଗର ଦାଣ୍ଡରେ ତାହାକୁ ଲୋକଙ୍କ ଦୃଷ୍ଟି ଗୋଚର କରାଯାଉ ।

ରାଜା ହାମନଙ୍କୁ ଆଜ୍ଞା କଲେ ତୁମ୍ଭେ ଯେପରି କହିଲ ଶିଘ୍ର ଯାଇ ସେହି ଯିହୁଦୀ, ମର୍ଦ୍ଦଖୟ ନିମନ୍ତେ ତାହା କର, ସେଥିରୁ କିଛିହିଁ ଊଣା କରନାହିଁ ।





ତୁମେକି ମନେକର ହାମନ୍ ଯେତେବେଳେ ମର୍ଦ୍ଦଖୟକୁ ଭକ୍ତିର ସହିତ ନଗର ପରିକ୍ରମା କରାଇ ନିଜ ମନରେ କଅଣ ଭାବିଲା, ସେ ମର୍ଦ୍ଦଖୟକୁ ପୂର୍ବଠାରୁ ମଧ୍ୟ ଅଧିକ ଘୃଣା କଲା ।



ଟିକିଏ ରୁହ, ହାମନ୍ ଚ଼ିନ୍ତା କରିଥାଇ ପାରନ୍ତି । ଅତିଶିଘ୍ର ସେ ଅନ୍ୟ ଯିହୁଦୀମାନଙ୍କ ସହିତ ମରିବାକୁ ଯାଉଛନ୍ତି ।

ପରେ ସେହିଦିନ, ହାମନ୍ ରାଜାଙ୍କ ସହିତ ଭୋଜନ ନିମନ୍ତେ ରାଣୀ ଏଷ୍ଟରଙ୍କ ଗୃହରେ ଯାଇ ପହଞ୍ଚିଲେ । ତୁମ୍ଭର ନିବେଦନ କଅଣ? ରାଜା ରାଣୀ ଏଷ୍ଟରଙ୍କୁ ପଚାରିଲେ । ସେ ତାଙ୍କର ପ୍ରତିଜ୍ଞା ଭୁଲିଯାଇନାହାନ୍ତି । ରାଣୀ ହାମନଙ୍କୁ ଦେଖାଇ ତାହାର ସମସ୍ତ ଦୁଷ୍ଟ ଯୋଜନା ବିଷୟରେ ରାଜାଙ୍କୁ ଅନୁଯୋଗ କଲା । ତାହାକୁ ଫାଶୀ ଦିଅ, ରାଜା କହିଲେ ।



ରାଜା ଅନ୍ୟଏକ ନିୟମ ପ୍ରଣୟନ କଲେ ଯାହାଦ୍ୱାର ଯୀହୁଦୀମାନେ ନିଜର ଆତ୍ମରକ୍ଷା କରି ପାରିଲେ । ସେମାନେ ବଞ୍ଚିଗଲେ, ମର୍ଦ୍ଦଖୟ ଦେଶରେ ରାଜାଙ୍କ ପରେ ରାଜାଙ୍କର ଦ୍ୱୀତୀୟ ସ୍ଥାନର ବସିଲେ ଏବଂ ସମସ୍ତ ଯିହୁଦୀମାନେ ଆନନ୍ଦକଲେ ଓ ଏକ ଆରକେ ଉପହାର ପ୍ରଦାନ କଲେ ।

ଏବେମଧ୍ୟ, ଯିହୁଦୀମାନେ ସେହି ଘଟଣାକୁ ମନେ ପକାନ୍ତି କିପରିଭାବରେ ସଦାପ୍ରଭୁ ସେମାନଙ୍କୁ ରାଣୀ ଏଷଟରଙ୍କ ଦ୍ୱାରା ରକ୍ଷା କଲେ ।



ସୁନ୍ଦରୀ ରାଣୀ ଏଷ୍ଟର

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଏଷ୍ଟର

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ
ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬